# NATIONAL NEWS BULLETIN (ODIA)

## 29th May' 2026

## Morning Bulletin : 7.15 a.m.

******************************

## ମୁଖ୍ୟ ସମ୍ବାଦ

- ଜନଜାତି ସମ୍ପ୍ରଦାୟର ବିକାଶ ତଥା ସଶକ୍ତୀକରଣ ଦିଗରେ ସରକାର ପ୍ରତିବଦ୍ଧ; କହିଲେ ପ୍ରଧାନମନ୍ତ୍ରୀ ।
- ଆଜିଠାରୁ ତିନିଦିନିଆ କର୍ଣ୍ଣାଟକ, ଗୋଆ ଓ କେରଳମ୍ ଗସ୍ତରେ ଯିବେ ଉପରାଷ୍ଟ୍ରପତି ।
- ସନ୍ତ୍ରାସବାଦ କାର୍ଯ୍ୟକଳାପ ବିରୋଧରେ ନିଷ୍ପତ୍ତିମୂଳକ କାର୍ଯ୍ୟାନୁଷ୍ଠାନ ନେବା ଲାଗି ଆହ୍ୱାନ ଦେଲେ ଜାତୀୟ ସୁରକ୍ଷା ପରାମର୍ଶଦାତା ।
- ରାଜ୍ୟଗୋଷ୍ଠୀ କ୍ରୀଡ଼ା ପ୍ରତିଯୋଗିତା ଏବଂ ପ୍ରସ୍ତାବିତ ଅଲିମ୍ପିକ୍ସ କ୍ରୀଡ଼ା ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ।

ଏବଂ

- ଆଇ.ପି.ଏଲ୍. କ୍ରିକେଟ୍‌ରେ ଆଜି ଦ୍ୱିତୀୟ କ୍ୱାଲିଫାୟର ମ୍ୟାଚ୍‌ରେ ଗୁଜରାଟ ଟାଇଟନ୍‌ସକୁ ଭେଟିବ ରାଜସ୍ଥାନ ରୟାଲ୍‌ସ ।

## ପି.ଏମ୍. - ଟ୍ରାଇବାଲ ସିକ୍ୟୁରିଟି

ଜନଜାତି ସମ୍ପ୍ରଦାୟର ବିକାଶ ତଥା ସଶକ୍ତୀକରଣ ଦିଗରେ ସରକାର ପ୍ରତିବଦ୍ଧ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତକାଲି ନୂଆଦିଲ୍ଲୀରେ ଜନଜାତି ସୁରକ୍ଷା ଫୋରମ୍‌ର ପ୍ରତିନିଧିମାନଙ୍କ ସହିତ ସାକ୍ଷାତ୍ ଆଲୋଚନା ସମୟରେ ସେ ଏହା କହିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏ ସମ୍ପର୍କିତ ସୂଚନା ଦେଇ ଶ୍ରୀ ମୋଦି କହିଛନ୍ତି, ଜନଜାତି ସମ୍ପ୍ରଦାୟ ପ୍ରତି ସେମାନଙ୍କର ଅବଦାନ ଅତ୍ୟନ୍ତ ପ୍ରଶଂସନୀୟ । ଏହି ଆଲୋଚନା ସମୟରେ ଜନଜାତି ସମ୍ପ୍ରଦାୟର ବିକାଶ ତଥା ସେମାନଙ୍କର ସଶକ୍ତୀକରଣ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ଏକ ଫଳପ୍ରଦ ଭାବ ବିନିମୟ ହୋଇଛି ବୋଲି ଶ୍ରୀ ମୋଦି ଏହି ପୋଷ୍ଟରେ ଉଲ୍ଲେଖ କରିଛନ୍ତି ।

## ଭି.ପି. ଭିଜିଟ୍

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ଆଜିଠାରୁ ତିନିଦିନିଆ କର୍ଣ୍ଣାଟକ, ଗୋଆ ଓ କେରଳମ୍ ଗସ୍ତରେ ଯିବେ । ଏହି ଗସ୍ତ ଅବସରରେ ଶ୍ରୀ ରାଧାକ୍ରିଷ୍ଣନ୍ କର୍ଣ୍ଣାଟକର ବେଙ୍ଗାଲୁରୁଠାରେ ଆର୍ଟ ଅଫ୍ ଲିଭିଙ୍ଗ ଫାଉଣ୍ଡେସନର ୪୫ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ଉତ୍ସବରେ ଯୋଗଦେବେ ।

ଏହାଛଡ଼ା ସେ ଦାବାଙ୍ଗେରେସ୍ଥିତ ଏକ ଇଞ୍ଜିନିୟରିଂ ବିଶ୍ୱବିଦ୍ୟାଳୟର ପ୍ଲାଟିନମ୍ ଜୁବିଲି ସମାରୋହରେ ନିଜର ଦୀକ୍ଷାନ୍ତ ଭାଷଣ ପ୍ରଦାନ କରିବେ ।

ଆସନ୍ତାକାଲି ଉପରାଷ୍ଟ୍ରପତି ଗୋଆର ପ୍ରତିଷ୍ଠା ଦିବସ ଅବସରରେ ପାଣାଜୀଠାରେ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ ସମାରୋହରେ ଯୋଗଦେବା ପରେ National Institute of Oceanography ପରିଦର୍ଶନ କରିବାର କାର୍ଯ୍ୟସୂଚୀ ରହିଛି ।

ରବିବାର ଦିନ କେରଳମ୍‌ର ପୋଟାୟମ୍‌ସ୍ଥିତ ଦୈନିକ ଦୀପିକା ମାଲାୟଲମ୍‌ର ୧୪୦ତମ ପ୍ରତିଷ୍ଠା ଉତ୍ସବକୁ ଉପରାଷ୍ଟ୍ରପତି ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି ।

## ଜୟଶଙ୍କର - ସାଇପ୍ରସ୍

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ସାଇପ୍ରସ୍‌ଠାରେ ୟୁରୋପୀୟ ସଂଘ ବୈଦେଶିକ ବ୍ୟାପାର ମନ୍ତ୍ରୀମାନଙ୍କର ବୈଠକରେ ଅଂଶଗ୍ରହଣ କରିଛନ୍ତି । ଆପୋଷ ସ୍ୱାର୍ଥଜଡ଼ିତ ବିଭିନ୍ନ ପ୍ରସଙ୍ଗ ସମେତ ପଶ୍ଚିମ ଏସିଆର ସାମ୍ପ୍ରତିକ ସ୍ଥିତିର ଭୂ-ରାଜନୈତିକ ପ୍ରଭାବ ସମ୍ପର୍କରେ ମୁଖ୍ୟତଃ ଏହି ବୈଠକରେ ସେ ଆଲୋଚନା କରିଛନ୍ତି ।

ବୈଠକ ଅବସରରେ ଡକ୍ଟର ଜୟଶଙ୍କର ତାଙ୍କର ସାଉଦି ଆରବ ପ୍ରତିପକ୍ଷ ଯୁବରାଜ ଫୈଜାଲ୍ ବିନ୍ ଫାରା ବିନ୍ ଅବଦୁଲ୍ଲା, ୟୁକ୍ରେନ୍ ପ୍ରତିପକ୍ଷ

ଆଣ୍ଡ୍ରି ସାଇବିହାଙ୍କ ସହିତ ଅନୌପଚାରିକ ଭାବେ ସାକ୍ଷାତ୍ ଆଲୋଚନା କରିଛନ୍ତି । ଏହି ଆଲୋଚନା ସମୟରେ ବିଶେଷକରି ୟୁକ୍ରେନ୍ ବିବାଦ, ପଶ୍ଚିମ ଏସିଆ ସ୍ଥିତି ସମେତ ଭାରତ-ୟୁରୋପୀୟ ସଂଘ ସହଯୋଗ, ଦ୍ୱିପକ୍ଷୀୟ ସମ୍ପର୍କ ଏବଂ ଆଞ୍ଚଳିକ ବିକାଶ ଉପରେ ମତ ବିନିମୟ ହୋଇଛି ।

ଏହି ଗସ୍ତ ଅବସରରେ ଡକ୍ଟର ଜୟଶଙ୍କର ସାଇପ୍ରସର ରାଷ୍ଟ୍ରପତି ନିକୋସ୍ କ୍ରିଷ୍ଟୋ ଡୋରିଡେସ୍‌ଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଡକ୍ଟର ଜୟଶଙ୍କର କହିଛନ୍ତି, ପଶ୍ଚିମ ଏସିଆ ପରିସ୍ଥିତି ଏବଂ ଭୂମଧ୍ୟ ସାଗରୀୟ ଅଞ୍ଚଳରେ ଭାରତର ସ୍ୱାର୍ଥ ପ୍ରସଙ୍ଗ ଜଡ଼ିତ ବିଭିନ୍ନ ବିଷୟରେ ଉଭୟ ନେତାଙ୍କ ମଧ୍ୟରେ ଆଲୋଚନା ହୋଇଛି । ସାଇପ୍ରସ ରାଷ୍ଟ୍ରପତିଙ୍କ ନିକଟରେ ଭାରତ ଗସ୍ତ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଛି ବୋଲି ଡକ୍ଟର ଜୟଶଙ୍କର ବର୍ଣ୍ଣନା କରିବା ସହ ଦ୍ୱିପାକ୍ଷିକ ସହଭାଗିତା ଅଧିକ ସୁଦୃଢ଼ ହୋଇଛି ବୋଲି କହିଛନ୍ତି ।

## ଇଣ୍ଡିଆ-ସିଙ୍ଗାପୁର

ଭାରତ-ସିଙ୍ଗାପୁର ଷୋଡ଼ଶ ପ୍ରତିରକ୍ଷା ନୀତି କଥାବାର୍ତ୍ତା ସିଙ୍ଗାପୁରଠାରେ ଅନୁଷ୍ଠିତ ହୋଇଯାଇଛି । ଭାରତର ବୈଦେଶିକ ସଚିବ ରାଜେଶ କୁମାର ସିଂହ ଏବଂ ତାଙ୍କର ସିଙ୍ଗାପୁର ପ୍ରତିପକ୍ଷ ଯୋଶେଫ ଲିଅଙ୍ଗ୍ ଏହି ବୈଠକରେ ଯୋଗଦେଇ ଦୁଇ ଦେଶ ମଧ୍ୟରେ ଥିବା ରଣନୈତିକ ସମ୍ପର୍କକୁ ଅଧିକ ସଶକ୍ତ

କରିବା ଲାଗି ନୂତନ ସୁଯୋଗ ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଏତଦ୍‌ବ୍ୟତୀତ ଏହି ବୈଠକରେ ବର୍ତ୍ତମାନ ଦୁଇ ଦେଶ ମଧ୍ୟରେ ଜାରି ରହିଥିବା ପ୍ରତିରକ୍ଷା ସହଯୋଗର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଛି । ବିଶେଷକରି ସାମରିକ, ପ୍ରତିରକ୍ଷା ଶିଳ୍ପ, କ୍ଷମତା ନିର୍ମାଣ ତଥା ଆଞ୍ଚଳିକ ସୁରକ୍ଷା ସମେତ ବିଭିନ୍ନ ଆପୋଷ ସ୍ୱାର୍ଥଜଡ଼ିତ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଛି । ଏ ସମ୍ପର୍କରେ ସୂଚନା ଦେଇ ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି, ଦୁଇ ଦେଶ ମଧ୍ୟରେ ସାଇବର ସୁରକ୍ଷା, କୃତ୍ରିମ ବୁଦ୍ଧିମତ୍ତା, ସାମୁଦ୍ରିକ ସୁରକ୍ଷା, ମାନବବିହୀନ ସୁରକ୍ଷା ଏବଂ ଅତ୍ୟାଧୁନିକ ପ୍ରତିରକ୍ଷା ଜ୍ଞାନକୌଶଳ କ୍ଷେତ୍ରରେ ଦୁଇ ଦେଶ ମଧ୍ୟରେ ସହଯୋଗକୁ ଅଧିକ ସଶକ୍ତ କରିବା ଉପରେ ମଧ୍ୟ ଆଲୋଚନା ହୋଇଛି ।

## ଡୋଭାଲ ରୁଷ୍

ସନ୍ତ୍ରାସବାଦ କାର୍ଯ୍ୟକଳାପ ବିରୋଧରେ ନିଷ୍ପତ୍ତିମୂଳକ କାର୍ଯ୍ୟାନୁଷ୍ଠାନ ନେବା ଲାଗି ଆହ୍ୱାନ ଦେବା ସହିତ ଏ କ୍ଷେତ୍ରରେ ଦୋମୁହାଁ ନୀତିକୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ୍ କହିଛନ୍ତି । ରୁଷ୍‌ଠାରେ ଅନୁଷ୍ଠିତ ଆନ୍ତର୍ଜାତିକ ସୁରକ୍ଷା ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଶ୍ରୀ ଡୋଭାଲ୍ କହିଛନ୍ତି, ସନ୍ତ୍ରାସବାଦ କାର୍ଯ୍ୟକୁ ପ୍ରୋତ୍ସାହନ

ଦେବା ଅଥବା ଏହାର ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଦିଗରେ ଦାୟିତ୍ୱପୂର୍ଣ୍ଣ ରାଷ୍ଟ୍ରଗୁଡ଼ିକ ଏ କ୍ଷେତ୍ରରେ ନିଜର ତ୍ୱରିତ ନିଷ୍ପତ୍ତି ନେବା ଉଚିତ ।

ସାମାଜିକ ଗଣମାଧ୍ୟମ ପୋଷ୍ଟରେ ମସ୍କୋସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ କୁହାଯାଇଛି, ମସ୍କୋଠାରେ ଅନୁଷ୍ଠିତ ପ୍ରଥମ ଆନ୍ତର୍ଜାତିକ ସୁରକ୍ଷା ସମ୍ମିଳନୀ ଏବଂ ସୁରକ୍ଷା ପ୍ରସଙ୍ଗ ସମ୍ପର୍କିତ ଉଚ୍ଚ ପ୍ରତିନିଧିସ୍ତରୀୟ ଚତୁର୍ଦ୍ଦଶ ବୈଠକରେ ଶ୍ରୀ ଡୋଭାଲ୍ ଅଂଶଗ୍ରହଣ କରିଥିଲେ । ଏହି ବୈଠକ ରୁଷ୍ ସୁରକ୍ଷା ପରିଷଦର ସଚିବ ସର୍ଗି ସୋଇଗୁ'ଙ୍କଦ୍ୱାରା ଆୟୋଜନ କରାଯାଇଥିଲା । ଆନ୍ତର୍ଜାତିକ ସୁରକ୍ଷା ପ୍ରତି ରହିଥିବା ବିଭିନ୍ନ ଆହ୍ୱାନ ସମ୍ପର୍କରେ ଏହି ବୈଠକରେ ଆଲୋଚନା କରାଯାଇଛି । ବୈଠକରେ ଉଦ୍‌ବୋଧନ ଦେଇ ଶ୍ରୀ ଡୋଭାଲ୍ ୧୯୪୫ ମସିହାରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମାପ୍ତ ପରେ ବିଶ୍ୱସ୍ତରରେ ସ୍ଥାପନ କରାଯାଇଥିବା ବିଭିନ୍ନ ପ୍ରତିଷ୍ଠାନରେ ସଂସ୍କାରର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଗ୍ଲୋବାଲ୍ ସାଉଥ୍‌କୁ ଦୃଷ୍ଟିରେ ରଖି ଏହିସବୁ ପ୍ରତିଷ୍ଠାନରେ ପ୍ରତିନିଧିତ୍ୱ ଉପରେ ଗୁରୁତ୍ୱ ଦେବାକୁ ସେ ଆହ୍ୱାନ ଦେଇଛନ୍ତି । ସେହିଭଳି ପଶ୍ଚିମ ଏସିଆ ପ୍ରସଙ୍ଗରେ ଶ୍ରୀ ଡୋଭାଲ୍ ନିଜ ପ୍ରତିକ୍ରିୟାରେ' ହର୍ମୁଜ୍ ପ୍ରଣାଳୀ ସମେତ ଆନ୍ତର୍ଜାତିକ ଜଳପଥଗୁଡ଼ିକରେ ସୁରକ୍ଷିତ ତଥା ନିରନ୍ତର ବାଣିଜ୍ୟ କାରବାର ସୁନିଶ୍ଚିତ କରିବା ଆବଶ୍ୟକତା ଉପରେ ପ୍ରାଧାନ୍ୟ ଦେଇଛନ୍ତି । ଏହି ବୈଠକ ଅବସରରେ ଶ୍ରୀ ଡୋଭାଲ୍ ତାଙ୍କର ରୁଷ୍ ପ୍ରତିପକ୍ଷ ଶ୍ରୀ ସୋଇଗୁଙ୍କ ସହ ଦୁଇଦେଶ ମଧ୍ୟରେ ଜାରି ରହିଥିବା ପ୍ରତିରକ୍ଷା, ସୁରକ୍ଷା, ଶକ୍ତି, ବାଣିଜ ଓ

ଅର୍ଥନୈତିକ ସମ୍ପର୍କ ସମେତ ବିଭିନ୍ନ ଆପୋଷ ସ୍ୱାର୍ଥଜଡ଼ିତ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା କରିଛନ୍ତି ।

## ଅମିତ୍ ଶାହା - ସି.ଡବ୍ଲ୍ୟୁ.ଜି.

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଗତକାଲି ଅହମ୍ମଦାବାଦଠାରେ ହେବାକୁ ଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ା ପ୍ରତିଯୋଗିତା ଏବଂ ପ୍ରସ୍ତାବିତ ଅଲିମ୍ପିକ୍ସ କ୍ରୀଡ଼ା ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏ ସମ୍ପର୍କିତ ସୂଚନା ଦେଇ ଶ୍ରୀ ଶାହା କହିଛନ୍ତି, ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାର ଭାରତରେ ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ଏବଂ ଅତ୍ୟାଧୁନିକ ତାଲିମ ସୁବିଧାର ସମ୍ପ୍ରସାରଣ କରୁଛନ୍ତି । ଅହମ୍ମଦାବାଦଠାରେ ପ୍ରସ୍ତାବିତ ଏହି ବିଶ୍ୱସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାକୁ ଦୃଷ୍ଟିରେ ରଖି ଏ କ୍ଷେତ୍ରରେ ବିଶ୍ୱସ୍ତରୀୟ ମାନ ବିକଶିତ କରିବା ଦିଗରେ ସରକାର ଆବଶ୍ୟକ ପଦକ୍ଷେପ ନେଉଛନ୍ତି । ଏହି ସମୀକ୍ଷା ବୈଠକରେ କେନ୍ଦ୍ର କ୍ରୀଡ଼ା ମନ୍ତ୍ରୀ ମନସୁଖ ମାଣ୍ଡବୀୟ, ଗୁଜରାଟ ମୁଖ୍ୟମନ୍ତ୍ରୀ ଭୁପେନ୍ଦ୍ର ପଟେଲ୍, ଉପମୁଖ୍ୟମନ୍ତ୍ରୀ ହର୍ଷ ସାଙ୍ଗଭିଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ । ଏଠାରେ ସୂଚନା ଦିଆଯାଇପାରେ, ଅହମ୍ମଦାବାଦଠାରେ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜିତ ହେବାକୁ ଥିବାବେଳେ ୨୦୩୬ ଅଲିମ୍ପିକ୍ସ ଆୟୋଜନ ଲାଗି ସରକାରୀ ଭାବେ ବିଡ୍ ଦାଖଲ କରାଯାଇଛି ।

## ମାଣ୍ଡବ୍ୟ ସିଲଙ୍ଗ

କେନ୍ଦ୍ର କ୍ରୀଡ଼ା ମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଆଜି ଶିଲଙ୍ଗ୍‌ଠାରେ ଚଳିତ ବର୍ଷର ଜାତୀୟ କ୍ରୀଡ଼ା ଆୟୋଜନ ପାଇଁ ରାଜ୍ୟର ପ୍ରସ୍ତୁତିର ସମୀକ୍ଷା କରିବେ । ଆଜିଠାରୁ ତିନିଦିନିଆ ମେଘାଳୟ ଗସ୍ତ ଅବସରରେ ସେ ମଧ୍ୟ ଏକ ସମନ୍ୱିତ ବହୁମୁଖୀ ଇଣ୍ଡୋର କ୍ରୀଡ଼ା କମ୍ପ୍ଲେକ୍ସର ଉଦ୍‌ଘାଟନ କରିବେ । ଶ୍ରୀ ମାଣ୍ଡବ୍ୟ ଏହି ଗସ୍ତ ସମୟରେ ଯୁବ ବ୍ୟାପାର, କ୍ରୀଡ଼ା ଭିତ୍ତିଭୂମି ବିକାଶ ସହ ଜଡ଼ିତ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ ଏବଂ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନାଗୁଡ଼ିକର ସମୀକ୍ଷା କରିବେ । ଯୁବ ବ୍ୟାପାର ବିଭାଗର ଏକ ଚିନ୍ତନ ଅଧିବେଶନରେ ତାଙ୍କର ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

## ଏନ୍.ଏଚ୍.ଏ.ଆଇ. - ମନିଟାଇଜେସନ୍

ଚଳିତ ଆର୍ଥିକ ବର୍ଷରେ ସରକାରଙ୍କ ସମ୍ପତ୍ତି ମୁଦ୍ରାକରଣ ରଣନୀତି ଅଧୀନରେ ପ୍ରସ୍ତାବିତ ଜାତୀୟ ରାଜପଥଗୁଡ଼ିକୁ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ ଏନ୍.ଏଚ୍.ଏ.ଆଇ. ଚିହ୍ନଟ କରିଛି । ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ଏଥିପାଇଁ ଏକ ତାଲିକା ପ୍ରସ୍ତୁତ କରାଯାଇଛି । ମୋଟ୍ ୧ ହଜାର ୬୯୨ କିଲୋମିଟର ଦୀର୍ଘ ଜାତୀୟ ରାଜପଥକୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି ।

## ଆଇ.ପି.ଏଲ୍.

ଆଇ.ପି.ଏଲ୍. କ୍ରିକେଟ୍‌ରେ ଆଜି ଅନୁଷ୍ଠିତ ହେବାକୁ ଥିବା ଦ୍ୱିତୀୟ କ୍ୱାଲିଫାୟର ମ୍ୟାଚ୍‌ରେ ଗୁଜରାଟ ଟାଇଟନ୍‌ସ’ ରାଜସ୍ଥାନ ରୟାଲ୍‌ସକୁ ଭେଟିବ । ଏହି ମ୍ୟାଚ୍ ନିୟୁ ଚଣ୍ଡୀଗଡ଼ସ୍ଥିତ ମହାରାଜା ଯାଦବେନ୍ଦ୍ର ସିଂ ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମ୍‌ରେ ସନ୍ଧ୍ୟା ସାଢ଼େ ୭ଟାରେ ଆରମ୍ଭ ହେବ । ଆସନ୍ତା ରବିବାର ଦିନ ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହେବାକୁ ଥିବା ଆଇ.ପି.ଏଲ୍.ର ଚଳିତ ସଂସ୍କରଣର ଫାଇନାଲ୍ ମ୍ୟାଚ୍‌ରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁକୁ ଆଜିକାର ମ୍ୟାଚ୍‌ର ବିଜେତା ଭେଟିବ ।

ପ୍ରଥମ କ୍ୱାଲିଫାୟର ମ୍ୟାଚ୍‌ରେ ଗତବର୍ଷର ଚାମ୍ପିୟନ୍ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ନିକଟରୁ ଗୁଜରାଟ ଟାଇଟନ୍ସ ପରାସ୍ତ ହୋଇଛି । ଅନ୍ୟପକ୍ଷରେ ପ୍ରଥମ ଏଲିମିନେଟର୍ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍‌ସ’ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ପରାସ୍ତ କରି ଆଜିର ମ୍ୟାଚ୍ ଖେଳୁଛି ।

## ୱିମେନ୍ - ଟି.୨୦

ଭାରତ ଗତକାଲି ଚେମ୍‌ସ୍‌ଫୋର୍ଡ଼ଠାରେ ଅନୁଷ୍ଠିତ ପ୍ରଥମ ଟି-ଟ୍ୱେଣ୍ଟି ମହିଳା କ୍ରିକେଟ୍ ମ୍ୟାଚ୍‌ରେ ଇଂଲଣ୍ଡକୁ ୩୮ ରନ୍‌ରେ ପରାସ୍ତ କରିଛି । ଏହି

ବିଜୟ ସହିତ ଭାରତ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ୧-୦ରେ ଆଗୁଆ ରହିଛି । ଟସ୍ ଜିତି ଇଂଲଣ୍ଡ ପ୍ରଥମେ ବୋଲିଂ କରିବାର ନିଷ୍ପତ୍ତି ନେଇଥିଲା । ଭାରତ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ୍ ହରାଇ ୧୮୮ ରନ୍ କରିଥିଲା । ଦଳ ପକ୍ଷରୁ ଜେମିମା ରୋଡ୍ରିଗ୍‌ସ୍ ୪୦ଟି ବଲ୍‌ରୁ ସର୍ବାଧିକ ୬୯ ରନ୍ ସଂଗ୍ରହ କରିବା ସହ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି । ୧୮୯ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଇଂଲଣ୍ଡ ୨୦ ଓଭର୍‌ରେ ୮ ୱିକେଟ୍ ହରାଇ ୧୫୦ ରନ୍ କରିଥିଲା । ଏହି ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଆସନ୍ତାକାଲି ଭାରତୀୟ ସମୟ ସନ୍ଧ୍ୟା ୭ଟାରେ ବ୍ରିଷ୍ଟଲ୍‌ଠାରେ ଖେଳାଯିବ ।

*****